ଓଡ଼ିଶା ରାଜ୍ୟ ଏବଂ ଅନ୍ୟମାନେ

ବନାମ

ବାଇଧର ସାହୁ

ମେ 2, 2000

[ଭି. ଏନ୍. ଖାରେ ଏବଂ ଏସ୍. ଏନ୍. ଫୁକନ୍, ନ୍ୟାୟମୂର୍ତ୍ତି ଦ୍ୱୟ]

*ସେବା ଆଇନ :*

*ଓଡ଼ିଶା ସିଭିଲ ସର୍ଭିସେସ (ବର୍ଗୀକରଣ, ନିୟନ୍ତ୍ରଣ ଏବଂ ଆବେଦନ) ନିୟମାବଳୀ, 1962 :*

*ନିୟମ 12 - ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଚିନ୍ତନରେ ଜଣେ କର୍ମଚାରୀଙ୍କୁ ନିଲମ୍ବିତ କରିବା ପାଇଁ ଜିଲ୍ଲାପାଳଙ୍କ କ୍ଷମତା - ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ଏବଂ ଗୋଷ୍ଠୀ ବିକାଶ ବ୍ୟାପାରରେ କାର୍ଯ୍ୟ କରୁଥିବା ବୃତ୍ତିଭୋଗୀ ଯନ୍ତ୍ରୀ - ଅନୁମାନରେ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ - ତାଙ୍କୁ ନିଲମ୍ବିତ କରି ଜିଲ୍ଲାର ଜିଲ୍ଲାପାଳଙ୍କ ଦ୍ୱାରା ପାରିତ ଆଦେଶ - ଜିଲ୍ଲାପାଳଙ୍କର ଏପରି କୌଣସି କ୍ଷମତା ନାହିଁ ବୋଲି ଓଡ଼ିଶା ପ୍ରଶାସନିକ ନ୍ୟାୟାଧିକରଣ କହିଛନ୍ତି - ବିଚାର କରାଯାଇଥିଲା, ଜିଲ୍ଲାପାଳଙ୍କୁ ରାଜ୍ୟପାଳଙ୍କ ଦ୍ୱାରା ଗୋଷ୍ଠୀ ବିକାଶ ବ୍ୟାପାରରେ କାର୍ଯ୍ୟ କରୁଥିବା ଜଣେ ସରକାରୀ କର୍ମଚାରୀଙ୍କୁ ନିଲମ୍ବନ କରିବାକୁ କ୍ଷମତା ଦିଆଯାଇଥିଲା - ସାମାନ୍ୟ ଦଣ୍ଡ ଦେବା ପାଇଁ ତାଙ୍କ ଉପରେ କ୍ଷମତା ହସ୍ତାନ୍ତର କରାଯିବା ପରେ ମଧ୍ୟ ଜିଲ୍ଲାପାଳଙ୍କ ଦ୍ୱାରା ଉକ୍ତ କ୍ଷମତା ପ୍ରୟୋଗ ଜାରି ରହିଥିଲା ।*

ଦେୱାନୀ ଆବେଦନ ଅଧିକାରିତା:ଦେୱାନୀ ଆବେଦନ ସଂଖ୍ୟା 3015/1997 ।

ଓ.ଏ. ସଂଖ୍ୟା 196/1996 ରେ ଓଡ଼ିଶା ପ୍ରଶାସନିକ ନ୍ୟାୟାଧିକରଣ, ଭୁବନେଶ୍ୱରଙ୍କ ତା 17.4.96 ରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀମମାନଙ୍କ ପାଇଁ ଜନ କଲ୍ୟାଣ ଦାସ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଏହି ମାମଲାରେ ବିଚାର ପାଇଁ ଉଠୁଥିବା ସଂକ୍ଷିପ୍ତ ପ୍ରଶ୍ନ ହେଉଛି ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ଏବଂ ଗୋଷ୍ଠୀ ବିକାଶ ସମ୍ବନ୍ଧୀୟ କାର୍ଯ୍ୟ କରୁଥିବା ବୃତ୍ତିଭୋଗୀ ଯନ୍ତ୍ରୀଙ୍କୁ ନିଲମ୍ବନ କରିବା ପାଇଁ କୌଣସି ଜିଲ୍ଲାର ଜିଲ୍ଲାପାଳଙ୍କର କ୍ଷମତା ଅଛି କି?

ଉତ୍ତରଦାତା ଜଣେ ବୃତ୍ତିଭୋଗୀ ଯନ୍ତ୍ରୀ ଏବଂ ସମ୍ପୃକ୍ତ ସମୟରେ ଓଡ଼ିଶାର କୋରାପୁଟ ଜିଲ୍ଲାର ଦଶପନ୍ତପୁର ବ୍ଲକରେ ନିଯୁକ୍ତ ହୋଇଥିଲେ । ଏହା ପ୍ରତୀୟମାନ ହୁଏ ଯେ ଯେହେତୁ ଉତ୍ତରଦାତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ବିଚାରଧୀନ ଥିଲା ଏବଂ ସେଥିପାଇଁ, କୋରାପୁଟର ଜିଲ୍ଲାପାଳ 8 ଏପ୍ରିଲ, 1996 ରେ ଏକ ଆଦେଶ ଦ୍ୱାରା ଉତ୍ତରଦାତାଙ୍କୁ ନିଲମ୍ବିତ କରିଥିଲେ । ଉତ୍ତରଦାତା ଓଡ଼ିଶା ପ୍ରଶାସନିକ ନ୍ୟାୟାଧିକରଣଙ୍କ ସମ୍ମୁଖରେ ନିଲମ୍ବନ ଆଦେଶକୁ ଏହି ଆଧାରରେ ଆପତ୍ତି କରିଥିଲେ ଯେ ତାଙ୍କ ବିରୋଧରେ ବିଭାଗୀୟ ତଦନ୍ତକୁ ବିଚାରକୁ ନେଇ ତାଙ୍କୁ ନିଲମ୍ବନ କରିବାକୁ ଜିଲ୍ଲାପାଳଙ୍କର କୌଣସି ଅଧିକାର ନାହିଁ । ମୂଳ ଆବେଦନ ଦାଖଲ କରିବା ପରେ, ଆବେଦନକାରୀଙ୍କୁ ନୋଟିସ୍ ଜାରି ନକରି ନ୍ୟାୟାଧିକରଣ ଉକ୍ତ ଆବେଦନକୁ ଅନୁମତି ଦେଇ କହିଥିଲେ ଯେ ଜିଲ୍ଲାପାଳଙ୍କ ପାଖରେ ଉତ୍ତରଦାତାଙ୍କୁ ନିଲମ୍ବନ କରିବାର କୌଣସି କ୍ଷମତା ନାହିଁ । ଉକ୍ତ ରାୟ ବିରୁଦ୍ଧରେ ଆବେଦନକାରୀମାନେ ଆମ ସମ୍ମୁଖରେ ଆବେଦନରେ ଅଛନ୍ତି ।

ନୋଟିସ ଜାରି ସତ୍ତ୍ୱେ, ଉତ୍ତରଦାତା ଏହି ମାମଲାରେ ଉପସ୍ଥିତି ହୋଇନାହାନ୍ତି । ତେଣୁ, ଆମେ ତାଙ୍କ ଅନୁପସ୍ଥିତିରେ ଏହି ପ୍ରସଙ୍ଗରେ ନିଷ୍ପତ୍ତି ନେବା ପାଇଁ ଆଗକୁ ବଢ଼ୁଛୁ ।

ଓଡ଼ିଶା ସିଭିଲ୍ ସର୍ଭିସ୍ (ବର୍ଗୀକରଣ, ନିୟନ୍ତ୍ରଣ ଏବଂ ଆବେଦନ) ନିୟମାବଳୀ, 1962 ର ନିୟମ 12 ରେ ବ୍ୟବସ୍ଥା ରହିଛି ଯେ ନିଯୁକ୍ତି କର୍ତ୍ତୃପକ୍ଷ କିମ୍ବା ରାଜ୍ୟପାଳଙ୍କ ଦ୍ୱାରା କ୍ଷମତାପ୍ରାପ୍ତ କୌଣସି କର୍ତ୍ତୃପକ୍ଷ ଜଣେ ସରକାରୀ କର୍ମଚାରୀଙ୍କୁ ନିଲମ୍ବନ କରିପାରିବେ ଯେଉଁଠାରେ ଏପରି ସରକାରୀ କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟବିଧି ବିଚାରାଧୀନ ଅଛି କିମ୍ବା ଯେଉଁଠାରେ କୌଣସି ଅପରାଧିକ ଅପରାଧ ସମ୍ପର୍କରେ ଏପରି ସରକାରୀ କର୍ମଚାରୀଙ୍କ ବିରୋଧରେ ମାମଲା ତଦନ୍ତ କିମ୍ବା ବିଚାର ଅଧୀନରେ ଅଛି । ତା 6.2.87 ରିଖର ଏକ ଆଦେଶ ଦ୍ୱାରା ଓଡ଼ିଶାର ରାଜ୍ୟପାଳ ନିୟମାବଳୀର ନିୟମ 12 ର ଉପ-ନିୟମ (1) ଅନୁଯାୟୀ କ୍ଷମତା ପ୍ରୟୋଗ କରି ଜିଲ୍ଲାର ଜିଲ୍ଲାପାଳଙ୍କୁ ଗୋଷ୍ଠୀ ବିକାଶ ବ୍ୟାପାରରେ କାର୍ଯ୍ୟ କରୁଥିବା ଜଣେ ସରକାରୀ କର୍ମଚାରୀଙ୍କୁ ନିଲମ୍ବନ କରିବାକୁ କ୍ଷମତା ପ୍ରଦାନ କରିଥିଲେ । ପରବର୍ତ୍ତୀ ସମୟରେ, ରାଜ୍ୟପାଳ ମଧ୍ୟ ଜିଲ୍ଲାର ଜିଲ୍ଲାପାଳଙ୍କୁ ଗୋଷ୍ଠୀ ବିକାଶ କାର୍ଯ୍ୟରେ କାର୍ଯ୍ୟ କରୁଥିବା ସରକାରୀ କର୍ମଚାରୀଙ୍କ ଉପରେ ସାମାନ୍ୟ ଦଣ୍ଡ ଦେବା ପାଇଁ କ୍ଷମତା ଦେଇଛନ୍ତି ।

ନ୍ୟାୟାଧିକରଣଙ୍କ ମତ ଥିଲା ଯେ ଯେହେତୁ ଜିଲ୍ଲାପାଳଙ୍କୁ କେବଳ ଛୋଟ ଦଣ୍ଡ ଲାଗୁ କରିବାର କ୍ଷମତା ରହିଛି, ତେଣୁ ନିଲମ୍ବନ କ୍ଷମତା ଜିଲ୍ଲାପାଳଙ୍କୁ ହସ୍ତାନ୍ତର କରାଯାଇପାରିବ ନାହିଁ, କାରଣ ନିଲମ୍ବନ କ୍ଷମତା କେବଳ ବଡ଼ ଦଣ୍ଡ କ୍ଷେତ୍ରରେ ପ୍ରୟୋଗ କରାଯାଇପାରିବ । ଆମ ମତରେ, ଏହି ମତ ଆଇନଗତ ଭାବେ ଠିକ୍ ନୁହେଁ । ନ୍ୟାୟାଧିକରଣଙ୍କ ସମ୍ମୁଖରେ ଏହା ବିବାଦୀୟ ନଥିଲା ଯେ, ନିୟମ 12 ଅନୁଯାୟୀ

ରାଜ୍ୟପାଳ ଜିଲ୍ଲାର ଜିଲ୍ଲାପାଳଙ୍କୁ ନିଲମ୍ବନ କରିବାର କ୍ଷମତା ପ୍ରଦାନ କରିବାର କ୍ଷମତା ରଖିଛନ୍ତି । କେବଳ ଯେହେତୁ ରାଜ୍ୟପାଳ ପରବର୍ତ୍ତୀ ସମୟରେ ଜିଲ୍ଲାର ଜିଲ୍ଲାପାଳଙ୍କୁ ମଧ୍ୟ ସାମାନ୍ୟ ଦଣ୍ଡ ଦେବା ପାଇଁ କ୍ଷମତା ପ୍ରଦାନ କରିଛନ୍ତି, ଏହାର ଅର୍ଥ ନୁହେଁ ଯେ ଏପରି ହସ୍ତାନ୍ତର ଦ୍ୱାରା ରାଜ୍ୟପାଳ ଜିଲ୍ଲାପାଳଙ୍କୁ ନିଲମ୍ବନ କରିବାର କ୍ଷମତା ପ୍ରଦାନ କରିବାର କ୍ଷମତାରୁ ବଞ୍ଚିତ ହୋଇଛନ୍ତି । ନ୍ୟାୟାଧିକରଣଙ୍କର ଏପରି ମତ ନିୟମ 12 ର ପଠନରୁ କିମ୍ବା 6 ଫେବୃଆରୀ, 1987 ତାରିଖର ଆଦେଶର ବ୍ୟାଖ୍ୟା ଉପରେ ଆଧାରିତ ନୁହେଁ । ତେଣୁ ଆମର ମତ ହେଉଛି ଯେ ଏକଦା ଜିଲ୍ଲାପାଳଙ୍କୁ ରାଜ୍ୟପାଳଙ୍କ ଦ୍ୱାରା ଗୋଷ୍ଠୀ ବିକାଶ ବ୍ୟାପାରରେ କାର୍ଯ୍ୟ କରୁଥିବା ଜଣେ ସରକାରୀ କର୍ମଚାରୀଙ୍କୁ ନିଲମ୍ବନ କରିବାକୁ କ୍ଷମତା ଦିଆଯାଇଥିଲା, ଜିଲ୍ଲାପାଳଙ୍କୁ ସାମାନ୍ୟ ଦଣ୍ଡ ଦେବା ପାଇଁ କ୍ଷମତା ହସ୍ତାନ୍ତର କରାଯିବା ପରେ ମଧ୍ୟ ଜିଲ୍ଲାପାଳଙ୍କ ଦ୍ୱାରା ଉକ୍ତ କ୍ଷମତା ପ୍ରୟୋଗ ଜାରି ରହିଥିଲା ।

ମାମଲାର ଉପରୋକ୍ତ ଦୃଷ୍ଟିକୋଣରେ, ଆପତ୍ତି କରାଯାଇଥିବା ଆଦେଶ ରଦ୍ଦ କରାଯାଇଛି । ଆବେଦନକୁ ଅନୁମତି ଦିଆଯାଇଛି । ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ରହିବ ନାହିଁ ।

ଆର୍.ପି. ଆବେଦନକୁ ଅନୁମତି ଦିଆଯାଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ | ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ |"

*Translated by:*

ସୁବୋଧ ରାଉତ,

ଅନୁବାଦକ,

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।